# ବିଦ୍ୟୁତ୍ ଆଘାତରେ ୨ ଗାଈ ମୃତ

ଉମରକୋଟ,୧୯।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ୨ଟି ଗାଈର ମୃତ୍ୟୁ ଘଟିଛି। ଗାଈ ଦୁଇଟି ଗାଁର ଚାଷୀ ଆଶାରାମ ମଙ୍ଗରାଜଙ୍କ ବୋଲି ଜଣାପଡ଼ିଥିବା ବେଳେ ଏନେଇ ଥାନାରେ ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବା ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। ଫଳରେ ପୌରପରିଷଦର ୨ ନମ୍ବର ୱାର୍ଡରେ ଥିବା ଗଡିଗୁଡ଼ା ନିକଟରେ ବିଦ୍ୟୁତ୍ ତାର ଛିଣ୍ଡିଥିଲା। ତାରଗୁଡ଼ିକ ତଳେ ପଡ଼ିଥିବା ବେଳେ ସେଥିରେ ବିଦ୍ୟୁତ୍ ସରବରାହ ରହିଥିଲା। ଚରୁଥିବା ବେଳେ ହଠାତ୍ ଗାଈ ଦୁଇଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ତାହାର ଆନୁମାନିକ ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି କହିଛନ୍ତି। ଏସମ୍ପର୍କରେ ଆଶାରାମଙ୍କ ଭାଇ ବଳିରାମ ମଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ମୃତ ଗାଈ ଦୁଇଟିକୁ ପୋତାଯାଇଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଗାଈ ଦୁଇଟିର ଜୀବନ ଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।

# ତେନ୍ତୁଳିଖୁଣ୍ଟିରେ ତ୍ରିରଙ୍ଗା ଶୋଭାଯାତ୍ରା




ତେନ୍ତୁଳିଖୁଣ୍ଟି,୧୯।୫(ସମିସ): ଭାରତର ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଆତଙ୍କୀଗଡ଼ରେ ସେନାର ପରାକ୍ରମକୁ ସମ୍ମାନ ଜଣାଇ ତେନ୍ତୁଳିଖୁଣ୍ଟି ବ୍ଲକରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଜାତୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସକାଳ ୮ଟା ବେଳେ ଖାତିଗୁଡା (ଇନ୍ଦ୍ରାବତୀ)ରୁ ତେନ୍ତୁଳିଖୁଣ୍ଟି ଅଭିମୁଖେ ଗ୍ରସ୍ତ କରିଥିବା ଶୋଭାଯାତ୍ରାରେ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ, ଇନ୍ଦ୍ରାବତୀ ବଣିକ ସଂଘ ରାଜନୈତିକ କର୍ମୀ, ଯୁବଗୋଷ୍ଠୀ, ବ୍ଲକ ଶିକ୍ଷା ବିଭାଗ, ପୁଲିସ ପ୍ରଶାସନଙ୍କ ସମେତ ସାଧାରଣ ଜନତା ନିଜକୁ ସାମିଲ କରି ବନ୍ଦେ ମାତରମ ଏବଂ ଦେଶ ଭକ୍ତି ସଂଗୀତ ତାଳେତାଳେ ନଗର ପରିକ୍ରମା କରିଥିଲେ। ଅପରେସନ ସିନ୍ଦୂରର ସଫଳତା ପରେ ଶୋଭାଯାତ୍ରା ଆତଙ୍କବାଦ ବିରୋଧ ଅଭିଯାନକୁ ଅଧିକ ସଶକ୍ତ କରିବ। ଯବାନଙ୍କ ମନୋବଳ ବୃଦ୍ଧି ଏବଂ ଏକତାର ପ୍ରତୀକ ସ୍ୱରୂପ ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ୫ଶହ ବାଇକ୍‌ରେ ୮ ଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଶୋଭାଯାତ୍ରାର ଶେଷରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ନିକଟରେ ସହିଦଙ୍କ ସ୍ମୃତିଚାରଣ କରି ଶୋଭାଯାତ୍ରାକୁ ବିରାମ ଦିଆଯାଇଥିଲା।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର/ନନ୍ଦାହାଣ୍ଡି,୧୯।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟଦାନ ସୁନା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ସମନ୍ୱିତ ଆଦିବାସୀ ଉନ୍ନୟନ, ଗ୍ରାମ୍ୟ ସଡ଼କ ବିଭାଜନ, ପାନୀୟ ଜଳ, ଅବକାରୀ ବିଭାଗ, ଜଙ୍ଗଲ ଏବଂ କୃଷି ଉଦ୍ୟାନ ଭଳି ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ମୋଟ ୨୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥି ମଧ୍ୟରୁ ୬ଟି ସାମୂହିକ ସମସ୍ୟା ଆଧାରିତ ଓ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଅଭିଯୋଗ ଦରଖାସ୍ତ ଗ୍ରହଣ ପରେ ସଂପୃକ୍ତ ବିଭାଗଗୁଡ଼ିକୁ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପ୍ରେରଣ କରାଯିବ ବୋଲି ସୂଚନା ମିଳିଥିଲା। ପାନୀୟ ଜଳ ଓ ରାସ୍ତାଘାଟ ଆଧାରିତ ସମସ୍ୟା ସାମୂହିକ ଅଭିଯୋଗର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଅବସରରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ୩ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା।

## ୫ବର୍ଷ ହେଲା ଚାଲିଛି ପିତେଇ ନଦୀ ପୋଲ ନିର୍ମାଣ

# ହନ୍ତସନ୍ତ ୩ ପଞ୍ଚାୟତ ବାସିନ୍ଦା

କୋରାପୁଟ,୧୯।୫(ସମିସ): ପିତେଇ ନଦୀ ଉପରେ ୫ ବର୍ଷରୁ ଅଧିକ ସମୟ ଧରି ଚାଲିଛି ପୋଲ ନିର୍ମାଣ କାର୍ଯ୍ୟ। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଓ ଅନୁକମ୍ପା ଦେଖାଇବାକୁ ନେଇ ସାଧାରଣରେ ବିରୋଧ କରାଯାଇଛି।

## ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା

କୋରାପୁଟ ସଦର ବ୍ଲକ ବଡ଼ସୁକୁ ପଞ୍ଚାୟତ ଅନ୍ତର୍ଗତ ସୁକୁଠାରୁ ପିତେଇ ଯିବା ରାସ୍ତାରେ ପଡେ କୋଲାବ ଜଳ ଭଣ୍ଡାର ଶାଖା ନଦୀ ପିତେଇ ନଦୀ। ଦେଶୀ ଡ଼ଙ୍ଗା ଦ୍ୱାରା ଅଞ୍ଚଳବାସୀ ଏହି ନଦୀ ପାର ହୋଇଥାନ୍ତି। ଏହି ନଦୀ ଦେଇ କୋରାପୁଟ ବ୍ଲକର ୨ ଟି ପଞ୍ଚାୟତ ଓ ଲମତାପୁଟ ବ୍ଲକର ଗୋଟିଏ ପଞ୍ଚାୟତର ପ୍ରାୟ ୩୦ ଖଣ୍ଡ ଗ୍ରାମବାସୀ ଯାତାୟତ କରୁଛନ୍ତି। ପିଲା ମାନଙ୍କ ଠାରୁ ଆରମ୍ଭ କରି ରୋଗୀ, କୁଲି ମଜୁରୀ ହାଟକୁ ନଦୀ ପାର ହୋଇ ଲୋକମାନେ ଯିବା ଆସିବା କରିଥାନ୍ତି। ଅନ୍ୟ ରାସ୍ତା ଦେଇ ଗଲେ ପ୍ରାୟ ୧୫ କିଲୋମିଟରରୁ ଅଧିକ ରାସ୍ତା ହେଉଛି। ସେଥି ପାଇଁ ସର୍ବନିମ୍ନ ଦୂରି ରାସ୍ତା ଭାବେ ପିତେଇ ନଦୀ ଉପର ଦେଇ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ଖରା ଦିନରେ ଯାହା ଯେମିତି ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ଯାତାୟତ କରୁଛନ୍ତି। ବର୍ଷା ଦିନରେ ନଦୀରେ ପାଣି ଭରି ହୋଇ ରହିଥାଏ। ଯାତାୟତ କରିବା ପାଇଁ ଦେଶୀ ଡ଼ଙ୍ଗା ହିଁ ଭରସା। ଦେଶୀ ଡଙ୍ଗାରେ ନଦୀ ପାର ହେଉଥିବା ସମୟରେ ଡ଼ଙ୍ଗା ବୁଡି ଅନେକ ଲୋକଙ୍କ ଜୀବନ ଯାଇଛି। ବର୍ଷା ଦିନରେ ଛାତ୍ରଛାତ୍ରୀ ମାନେ ସ୍କୁଲ ଯିବାକୁ ବଞ୍ଚିତ ହେଉଛନ୍ତି। ପିତେଇ ନଦୀ ଉପରେ ପୋଲ ନିର୍ମାଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିବା ପରେ ପୋଲ ନିର୍ମାଣ କାମ ଆରମ୍ଭ କରାଗଲା । ଏଥି ମଧ୍ୟରେ ପୋଲ ନିର୍ମାଣ ୫ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ ପୋଲ ନିର୍ମାଣ ଶେଷ ହୋଇନାହିଁ। ନିର୍ମାଣ ଅବଧି ଶେଷ ହୋଇଥିଲେ ମଧ୍ୟ କାମ ଶେଷ ନ ହେବାକୁ ନେଇ ସ୍ଥାନୀୟ ବାସିନ୍ଦା ତ୍ରିନାଥ ଟାକ୍ରି ଓ ଡମ୍ବରୁ ଭୋଇ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି । ନିର୍ମାଣ ଶେଷ ହେବାର ଅବଧି ସରିଥିଲେ ମଧ୍ୟ କାମ ଶେଷ ହେଉନାହିଁ ।



ଠିକାଦାରଙ୍କୁ ବିଭାଗୀୟ ଅଧିକାରୀ ମାନେ ଅନୁକମ୍ପା ଦେଖାଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକତା ଅଭାବ ଯୋଗୁ ପୋଲ ନିର୍ମାଣ ଅଧାରେ ଅଟକି ରହିଛି ବୋଲି ଅଭିଯୋଗ ହୋଇଛି। ପୋଲ କଡରେ ଅସ୍ଥାୟୀ ଭାବେ ଏକ ରାସ୍ତା ନିର୍ମାଣ କରାଯାଇଛି। ତାହା ଏବେ ଧୋଇ ହେବାକୁ ବସିଲାଣି। ଟିକେ ବର୍ଷା ହେଲେ ସେଇ ରାସ୍ତା ଦେଇ ଯିବା ପାଇଁ ମୁସ୍କିଲ ହୋଇ ପଡେ। ବାଧ୍ୟ ହୋଇ ଅଞ୍ଚଳବାସୀ ୧୫ କିଲୋମିଟର ବୁଲି ଯାତାୟତ କରୁଛନ୍ତି। ଯଦି ଖୁବ୍ ଶୀଘ୍ର ପୋଲ ନିର୍ମାଣ ଶେଷ ନ ହୁଏ, ତେବେ ଆଗକୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି, ପୂର୍ବ ସରକାରଙ୍କ ଅମଳରେ ଏହି ପୋଲ ନିର୍ମାଣ କରାଯାଇଥିଲା। ପୋଲ ନିର୍ମାଣ କାହିଁକି ଅଧାରେ ଅଟକିଛି ସେ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିବେ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ପୋଲ ନିର୍ମାଣ ଯେପରି ଖୁବ୍‌ଶୀଘ୍ର ଶେଷ କରାଯିବ ସେ ନେଇ ଚେଷ୍ଟା କରିବେ ବୋଲି ସେ କହିଛନ୍ତି । ଆଗକୁ ବର୍ଷା ଦିନ ଆସୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଯଥା ସମ୍ଭବ ପୋଲ ନିର୍ମାଣ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ପୋଲ ପାଇଁ ଆଗାମୀ ଦିନରେ ଜନ ଆନ୍ଦୋଳନ ଦେଖା ଦେବ ବୋଲି କୁହାଯାଉଛି।

# ମୋବାଇଲ୍ ଲୁଟ୍ ଘଟଣାରେ ୨ ଗିରଫ



ନବରଙ୍ଗପୁର,୧୯।୫(ସମିସ): ନବରଙ୍ଗପୁର ପୁଲିସ୍ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ମାଝୀଗୁଡା ଗାଁର ଦିଲୁ ବାରବାରୀ, ଓ ସାନକୁମଲି ଗାଁର ବାବି ହରିଜନ। ସେମାନଙ୍କ ପାଖରୁ ଚୋରି ହୋଇଥିବା ୫ଟି ମୋବାଇଲକୁ ମଧ୍ୟ ପୁଲିସ ଉଦ୍ଧାର କରିଥିବା ବେଳେ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ତେନ୍ତୁଳିଖୁଣ୍ଟି ଥାନା ପାତ୍ରପୁଟ ଗାଁର ସହିଷ୍ଣୁ ବିଷୋୟୀ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ରଙ୍ଗମାଟିଗୁଡ଼ା ଗାଁ ନିକଟରେ ୨ ବ୍ୟକ୍ତି ଛୁରା ଦେଖାଇ ତାଙ୍କ ମୋବାଇଲ୍ ଫୋନ ଲୁଟି ନେଇଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ନବରଙ୍ଗପୁର ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ପାପଡ଼ାହାଣ୍ଡି ଥାନାରେ ୪ଟି ମାମଲା ରହିଥିବା ତଦନ୍ତକାରୀ ଅଧିକାରୀ ଶବୀର ଅହମ୍ମଦ କହିଛନ୍ତି।

# ଡକାୟତି ମାମଲାରୁ ୯ ଖଲାସ

ନବରଙ୍ଗପୁର,୧୯।୫(ସମିସ): ଏକ ଡକାୟତି ମାମଲାରେ ୯ ଜଣ ଗ୍ରାମବାସୀନ୍ଦା ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ୨୦୨୨ ମସିହା ଜୁନ ୧୭ ତାରିଖ ଦିନ ସିନ୍ଧିଗୁଡା ଗ୍ରାମରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାରେ ଖୁଣ୍ଟିଆ ଗ୍ରାମର ଧାନ ମିଲ୍‌ର ଭ୍ୟାନ ସମ୍ପୃକ୍ତି ଅଭିଯୋଗ କରି ଗ୍ରାମବାସୀ ରାସ୍ତା ରୋକ କରିଥିଲେ। ପରେ ୧୮ ତାରିଖ ରାତି ପ୍ରାୟ ୧୧ଟା ବେଳେ ସିନ୍ଧିଗୁଡା ଗ୍ରାମର କିଛି ଲୋକ ମିଲ୍‌ରେ ଜବରଦସ୍ତ ପ୍ରବେଶ କରି ସମ୍ପତ୍ତି ନଷ୍ଟ କରିବାସହ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ମିଲ୍ ମାଲିକ ବି ଲକ୍ଷ୍ମୀ ଏତେଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ତଦନ୍ତ କରି ସିନ୍ଧିଗୁଡ଼ା ଗ୍ରାମର ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶେଇଥିଲା। ଇତି ମଧ୍ୟରେ ୯ ଅଭିଯୁକ୍ତ ଉଚ୍ଚତମ ନ୍ୟାୟାଳୟରୁ ଜାମିନରେ ଆସିଥିଲେ। ଶନିବାର ଦିନ ସିଜେଏମ ସାକ୍ଷ୍ୟ ପ୍ରମାଣ ଅଭାବରୁ ୯ ଜଣ ଗ୍ରାମବାସୀଙ୍କୁ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସିଏଚ୍ ବାବା ଯୁଗନ୍ଧର, ଇମ୍ରାନ ସରିଫ ଓ ସିଏ ଭେଙ୍କଟେଶ ମାମଲା ପରିଚାଳନା କରିଥିଲେ।

# ଅଷ୍ଟମ ଦିନରେ ଅଗ୍ନିଗଙ୍ଗା ମା'ଙ୍କ ଯାତ୍ରା

ସେମିଳିଗୁଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରେ ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଅଗ୍ନିଗଙ୍ଗା ମା'ଙ୍କ ୯ ଦିନିଆ ଘଟଯାତ୍ରା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ପୂଜାମଣ୍ଡପରେ ଭକ୍ତଙ୍କ ଭିଡ଼ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଦିନସାରା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଓ ଘଟଦାନ ପର୍ବ ଚାଲିଥିଲା।



## ବହୁ ଭକ୍ତଙ୍କ ସମାଗମ

କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ଏସ୍‌ପି ରୋହିତ ବର୍ମା ପୂଜା ମଣ୍ଡପ ଆସି ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କମିଟି ପକ୍ଷରୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଘଟ ନଗର ପରିକ୍ରମା ଏବଂ ମା'ଙ୍କ ଅନେକ ସ୍ଥାନରେ ନିଆଁ ମାଡ଼ିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାତ୍ରାକୁ ଆହୁରି ଆକର୍ଷଣ କରିବା ନେଇ କମିଟି ତରଫରୁ ସେମିଳିଗୁଡ଼ା ସହରକୁ ସଜ୍ଜିତ କରାଯାଇଛି। କମ୍ପଡା ସହରରେ ଆସିଥିବା ଏକ ମିନାବଜାର ଲୋକଙ୍କୁ ଆକୃଷ୍ଟ କରିଛି। ଯାତ୍ରା ଦେଖିବାକୁ ସେମିଳିଗୁଡ଼ା, ପଟ୍ଟାଙ୍ଗି, ନନ୍ଦପୁର ଓ କୋରାପୁଟ ଆଦି ଅଞ୍ଚଳରୁ ଭକ୍ତ ଯୋଗଦେଇଥିଲେ। ରବିବାର ରାତିରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁତ ସଂଖ୍ୟାରେ ଲୋକ ଯୋଗଦେଇଥିଲେ। କମିଟି ଦ୍ୱାରା କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପାଦାଳଙ୍କୁ ସମ୍ମାନିତ କରାଯାଇଥିଲା। ରବିବାର ରାତିରେ କିଛି ସମ୍ପ୍ରଦାୟ ମଧ୍ୟରେ ପୂଜା କାର୍ଯ୍ୟକ୍ରମସହ ସମ୍ବଲପୁରର କୃଷ୍ଣ ମେଲୋଡିକୁ ଆୟୋଜନ କରିଥିଲେ। ଆନ୍ଧ୍ରରୁ ବିଭିନ୍ନ ବେଶରରୋଡ୍‌ଶୋ'ଆୟୋଜନ କରିଥିଲେ। ମଙ୍ଗଳବାର ଯାତ୍ରା ଶେଷ ଦିନ ହୋଇଥିବାରୁ କମିଟି ପକ୍ଷରୁ ସବୁ ପ୍ରସ୍ତୁତି କରାଯାଉଛି। ଶେଷ ଦୁଇଦିନ ଯାତ୍ରା ପାଇଁ ସହରରେ ଆଧାତ୍ମିକ ଓ ଉତ୍ସାହିତ ବାତାବରଣ ସୃଷ୍ଟି ହେଉଛି।

## ■ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି

# ପୌର କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ କାଉନ୍‌ସିଲର



କୋରାପୁଟ,୧୯।୫(ସମିସ): ଦୀର୍ଘ ମାସ ହେବ କୋରାପୁଟ ପୌର ପରିଷଦ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ପଦ ଫାଙ୍କା ପଡ଼ିଥିବା ବେଳେ ସରକାର କେବଳ ବିଭିନ୍ନ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳେଇ ନେଉଛନ୍ତି। ଏଭଳି ଅଭିଯୋଗ କରି ଦଳମତ ନିର୍ବିଶେଷରେ ସମସ୍ତ କାଉନସିଲର ସୋମବାର ଅଫିସର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ପୂର୍ବତନ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ରଙ୍କ ବଦଳି ପରେ ଏହି ପଦବୀ ଫାଙ୍କା ପଡ଼ିଥିଲା। ସେହିଦିନରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ କେତେବେଳେ କୋରାପୁଟ ତହସିଲଦାରଙ୍କୁ ଏବଂ ଆଉ କେତେବେଳେ କୋରାପୁଟ ବିଡିଓଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମଚଳେଇ ଦିଆଯାଉଛି। ଯାହାଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ଜନସାଧାରଣ ଅନ୍ୟାନ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କାଉନସିଲର ମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି କରିବା ପାଇଁ କାଉନସିଲର ମାନେ ଦାବି କରିଛନ୍ତି।

# ପେପର ମିଲ୍ କର୍ମଚାରୀ ସଂଘର ମିଳିତ ବୈଠକ

ଜୟପୁର,୧୯।୫(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସେୱା ପେପରମିଲର ୟୁନାଇଟେଡ ବିଲ୍ଟ ସେୱା ୱାର୍କସ ୟୁନିୟନ (୩ୟ) ଏବଂ ବିଲ୍ଟ ଏମଲୋଇଜ୍ ଓ ୱାର୍କସ ୟୁନିୟନ (୪ର୍ଥ) କର୍ମଚାରୀ ସଂଘର ମିଳିତ ସାଧାରଣପରିଷଦ ବୈଠକ କାଗଜକଳ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାୟୀ କର୍ମଚାରୀ, ଠିକା କର୍ମଚାରୀ, ଠିକାଦାର, କଞ୍ଚାମାଲ ପ୍ରଦାନ କରୁଥିବା ଭେଣ୍ଡରମାନେ ଯୋଗଦେଇଥିଲେ। ପେପରମିଲ ପୁନଃର୍ବାର କାର୍ଯ୍ୟକ୍ଷମ ଏବଂ ଉତ୍ପାଦନକ୍ଷମ ନେଇ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଥିବା ନେଇ ବୈଠକରେ ସରକାରଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରୟାସ ଯୋଗୁଁ କାରାଖାନା ପୁନଃର୍ବାର କାର୍ଯ୍ୟକ୍ଷମ କରିବା ନେଇ ଅର୍ଥ ଲଗାଣକାରୀକୁ ନିମନ୍ତ୍ରଣ ଏବଂ ମଧ୍ୟସ୍ଥତା କରିଥିବା ଯୋଗୁଁ ବିଧାୟକଙ୍କୁ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଧାୟକଙ୍କସହ ଆଲୋଚନା ବେଳେ ଆସନ୍ତା ମାସର ପ୍ରଥମ ସପ୍ତାହରେ ୨ ମାସର ଦରମା ସମସ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯିବ ଏବଂ ଖୁବ୍ ଶୀଘ୍ର କାରଖାନାକୁ ମରାମତି କାର୍ଯ୍ୟ ପରେ ଉତ୍ପାଦନ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ବାହିନୀପତି ସୂଚନା ଦେଇଥିବା ନେଇ ବୈଠକରେ ଘୋଷଣା କରାଯାଇଛି। ଆସନ୍ତା ୨୫ ତାରିଖରୁ ଅର୍ଥ ଲଗାଣକାରୀ ସଂସ୍ଥା କାରାଖାନା ପରିଦର୍ଶନ କରିବେ ଏବଂ କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ବୈଠକରେ କୁହାଯାଇଛି। ତୃତୀୟ ସଂଘର ସଭାପତି ଉଜ୍ଜ୍ୱଳ ନାୟକ, ସମ୍ପାଦକ ଅଭୟ ପ୍ରଦାନ, ଚତୁର୍ଥ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ ରାୟ, ବରିଷ୍ଠ କର୍ମକର୍ତ୍ତା ଉପେନ୍ଦ୍ର ଜେନା ଓ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ପାଡୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ପାଇଁ ସ୍ଥାନ ନିରୂପଣ ଘଟଣା

# ତହସିଲଦାରଙ୍କ ନିକଟରେ ଫେରାଦ ହେଲେ ଅଞ୍ଚଳବାସୀ

ନନ୍ଦପୁର,୧୯।୫(ସମିସ): ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜବରଦଖଲକାରୀଙ୍କ କବ୍ଜାରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ପରିବର୍ତ୍ତେ ଏହାର ସ୍ଥାନାନ୍ତରିତ ପ୍ରକ୍ରିୟାନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ରବିବାର ନନ୍ଦପୁରର ତହସିଲଦାର ପ୍ରଭାତୀ ଖେଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୃବରାଜ ମୁର୍ମୁଙ୍କୁ ନେଇ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମଞ୍ଜୁରୀ ହୋଇଥିବା ନୂତନ କୋଠାର ସ୍ଥାୟୀ ମେଡିକାଲ ଜମି ପରିବର୍ତ୍ତେ ନୂଆ ସ୍ଥାନ ନିରୂପଣ ପକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରର ୫ ଏକର ଜମି ଜବଦଖଲ ହୋଇଥିବା ଏବଂ ଦୀର୍ଘବର୍ଷ ଧରି ଉକ୍ତ ଜମିରେ ପ୍ରାୟ ୨୬ଟି ପରିବାରର ବାସ ଗୃହ କରି ରହିଥିବା ବେଳେ ପ୍ରଶାସନର ନୀରବତା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ମେଡିକାଲର ନିଜସ୍ୱ ଜମିରେ ୨୬ ପରିବାରଙ୍କୁ ନୋଟିସ କିମ୍ବା ଉଚ୍ଛେଦ କର୍ଯ୍ୟା କରିବା ପରିବର୍ତ୍ତେ ନୂତନ ସ୍ଥାନ ନିରୂପଣ ଅଞ୍ଚଳବାସୀଙ୍କ



ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତହସିଲଦାରଙ୍କ ପକ୍ଷରୁ ନୂତନ ଜମି ଚିହ୍ନଟ ଖବର ପାଇବା ପରେ ସୋମବାର କୁଲାବିର, ଶୀମିଳିପୁଟ ସହ ପାଞ୍ଚଖଣ୍ଡ ଗ୍ରାମବାସୀ ନନ୍ଦପୁର ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାସହ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଜମିରେ ନୂତନ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି। ତହସିଲଦାରଙ୍କ ଦ୍ୱାରା ନୂତନ ଜମି ଚିହ୍ନଟକୁ ମଧ୍ୟ ବିରୋଧ କରିବାସହ ରୋଗୀ ସେବା ନିମନ୍ତେ ପୁରୁଣା ଜମିରେ ହିଁ ନୂତନ କୋଠା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ତେବେ ତହସିଲଦାର ତାଙ୍କୁ ନୂତନ ଜମି ଚିହ୍ନଟ ହୋଇସାରିଛି ବୋଲି କହି ପଠେଇଥିଲେ। ତେବେ କାହା ସ୍ୱାର୍ଥରେ ମେଡିକାଲ ନିଜସ୍ୱ ଜମି ବଦଳରେ ନୂତନ ଜମିରେ ତାହା ସ୍ଥାନାନ୍ତରିତ ହେଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ମେଡିକାଲ ଜମି ଉପରେ ଜବରଦଖଲ କରି ବସତି କରିଥିବା ୨୬ ପରିବାରଙ୍କ ପାଇଁ ପାଞ୍ଚ ଏକର ଜମି ଦାନରେ ଯିବ ବୋଲି ପ୍ରଶ୍ନ ଉଠିଛି। ନୂତନ ଜମି ଚିହ୍ନଟ ପକ୍ରିୟାକୁ ନିନ୍ଦା କରାଯାଇଛି। ସୂଚିତ ଯେ, କୋରାପୁଟ ଜିଲ୍ଲାର ଦ୍ୱିତୀୟ ବ୍ଲକ ନନ୍ଦପୁର। ନନ୍ଦପୁର ଜିଲ୍ଲା ପରିଷଦ ଦୁଇ ନମ୍ବର୍ ଜୋନ ୧୩ଟିରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ପାଡୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଅଛି। ସ୍ୱାସ୍ଥ୍ୟ ସେବା ପାଇଁ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ କୋଠା ନିର୍ମାଣରେ ବାଧକ ସାଜିଛି ଜବରଦଖଲ। ପାଡୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା କଡ଼ରେ ଥିବାବେଳେ ରୋଗୀ ସେବା ପାଇଁ ଯିବାଆସିବା ନିମନ୍ତେ ସୁବିଧା ରହିଛି। ହେଲେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଜମି ଜବରଦଖଲରେ ଥିବାବେଳେ ନୂତନ କୋଠା ନିର୍ମାଣ ପାଇଁ ଅନ୍ୟତ୍ର ଜମି ଚିହ୍ନଟ ସାଧାରଣ ଚର୍ଚ୍ଚାର ବିଷୟ ହୋଇଛି।

# ଓଡ଼ିଶା ଫୁଟବଲ୍ ସଂଘ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



ନବରଙ୍ଗପୁର,୧୯।୫(ସମିସ): ନବରଙ୍ଗପୁର ଷ୍ଟାଡିୟମ୍‌ରେ ଓଡ଼ିଶା ଫୁଟବଲ୍ ସଂଘ ଓ ନବରଙ୍ଗପୁର ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ଫୁଟବଲ୍ ଖେଳାଳିଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମର ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ମୁଖ୍ୟଅତଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କୋଚିଂ କ୍ୟାମ୍ପର ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷଣ ଶିବିର ଦ୍ୱାରା ନବରଙ୍ଗପୁର ଜିଲ୍ଲାର ଫୁଟବଲ୍ ଖେଳାଳିମାନେ ଉପକୃତ ହେବେ ବୋଲି କ୍ରୀଡ଼ା ସଂଘର ଉପ ସଭାପତି ଏମ. ବାଲାକୃଷ୍ଣ ରାଓ କହିଛନ୍ତି। କ୍ରୀଡ଼ାବିତ୍ ଏବଂ ଖେଳ ପ୍ରେମୀଙ୍କ ପାଇଁ ଏହା ଖୁସି ଓ ଗର୍ବର ବିଷୟ ବୋଲି ବରିଷ୍ଠ ଏବଂ ପ୍ରାକ୍ତନ କ୍ରୀଡାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷଣ ଶିବିରରେ ବରିଷ୍ଠ ପ୍ରାକ୍ତନ ଫୁଟବଲ୍ ଖେଳାଳି ଦୁର୍ଯ୍ୟୋ ହରିଜନ, ଫିରଜ୍ ହିଆଲ, ଲାଲୁ ହରିଜନ ଏବଂ ରଇଲା ଭତରା କୋଚ୍ ଭାବରେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଫୁଟବଲ୍ ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେବେ ବୋଲି ସୂଚନା ପ୍ରାପ୍ତ ହୋଇଛି। ଦକ୍ଷତା ବିକାଶ ପ୍ରଶିକ୍ଷଣ କ୍ୟାମ୍ପରେ ଜିଲ୍ଲାର କୋଣ ଅନୁକୋଣ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶିକ୍ଷଣ ସକାଳ ୬ଟା ୩୦ମିନିଟରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଉଛି। ଶିବିରରେ ୮ ବର୍ଷରୁ ୧୫ ବର୍ଷର କମ୍ ଉଭୟ ବାଳକ ଓ ବାଳିକା ବର୍ଗର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ଏକ ମାସଧରି ଚାଲିବ ବୋଲି ଜିଲ୍ଲା କ୍ରୀଡ଼ା ସଂଘର ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ ରମେଶ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## କାଳିମେଳା ବନାଞ୍ଚଳରେ ଦୁର୍ନୀତି

# ଶ୍ରମିକଙ୍କ ଫଟୋ ବଦଳରେ ଅପଲୋଡ୍ ହେଉଛି ପୁରୁଣା ଫଟୋ

କାଳିମେଳା/ପୋଟେରୁ,୧୯ ।୫(ସମିସ): ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ବାସ୍ତବ କ୍ଷେତ୍ରରେ ସବୁ ଯୋଜନା ମାଧ୍ୟମରେ ଆସୁଥିବା ଅର୍ଥକୁ ବାଟମାରଣା କରିବା ପାଇଁ ସରକାରୀ କର୍ମଚାରୀ ନୂଆ ନୂଆ କୌଶଳ ଅପଣାଇଛନ୍ତି ।



ସୂଚନା ମୁତାବକ କାଳିମେଳା ବ୍ଲକ୍ ଚିନ୍ତଲୱାଡା ପଞ୍ଚାୟତରେ କାଳିମେଳା ବନାଞ୍ଚଳ ଅଧିନରେ ଏକ ଏଲ୍‌ବିସିଡି କାର୍ଯ୍ୟ କରାଯାଇଥିଲା । ବର୍ତ୍ତମାନ ଏହାର ଏନଏମଏସ ଚାଲୁଥିବା ବେଳେ ଏହି ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ପୁରୁଣା ଉଠା ଫଟୋ ସଂଗ୍ରହ କରି ତାହାକୁ ଏନଏମଏସ ପୋର୍ଟାଲ୍ ରେ ଅପଲୋଡ଼ କରାଯାଉଛି । ଦାଦନ ସମସ୍ୟାକୁ ଦୂର କରିବା ଓ ଶ୍ରମିକଙ୍କ ରୋଜଗାର ବଢେଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରଯାଇଥିବା ଏହି ମନରେଗା ଯୋଜନାର ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ କଲେ ସ୍ପଷ୍ଟ ହେବ । ତେବ ଏପରି ଫଟୋ ଅପଲୋଡ୍ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଏନଏମଏସ ଦ୍ୱାରା କାର୍ଯ୍ୟରତ ଶ୍ରମିକଙ୍କ ନାମ ଓ କାର୍ଯ୍ୟସ୍ଥଳୀରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ଅପଲୋଡ଼ କରାଗଲେ ପ୍ରକୃତରେ କାର୍ଯ୍ୟରେ କେତେ ଶ୍ରମିକ ନିୟୋଜିତ ହୋଇଛନ୍ତି ଏବଂ କାର୍ଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହୋଇଥାଏ । କିନ୍ତୁ ଚିନ୍ତଲୱାଡା ପଞ୍ଚାୟତରେ ଏହି ଏନଏମଏସ ଦ୍ୱାରା ତଥ୍ୟ ପ୍ରଦାନରେ ଅନିୟମିତା ଦେଖାଯାଇଥିବା ସହ ପୁରୁଣା ଉଠା ଫଟୋ ଅପଲୋଡ଼ କରିବା ସରକାରଙ୍କ ଆଖିରେ ଧୂଳି ଦେବା ସଦୃଶ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ଏନେଇ ଆମେ ପୋଟେରୁ ବନାଞ୍ଚଳ ଅଧିକାରୀ ସୁଶାନ୍ତ ସିଙ୍ଗଙ୍କ ସହ ଯୋଗାଯୋଗ କରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ଏପରି ଫଟୋ ଅପଲୋଡ଼ କରିଥିବା ଗାର୍ଡଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଚନ୍ଦ୍ରପୁର,୧୯।୫(ସମିସ): ସୋମବାରରେ ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୧୫ଟି ଅଭିଯୋଗର ଶୁଣାଣୀ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ପାଇବା ପରେ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ କଳ୍ପନା ମହାକୁଡ଼ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ପଦ୍ମପୁରରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା



ପଦ୍ମପୁର,୧୯।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁରଠାରେ ଆଜି ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । 'ଅପରେସନ ସିନ୍ଦୂର'ର ସଫଳତା ପରେ ଭାରତୀୟ ସେନା ବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଏହି ଶୋଭାଯାତ୍ରା ହୋଇଥିଲା । ପଦ୍ମପୁରରେ ବାଇକ୍ ଶୋଭାଯାତ୍ରା ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଅନୁଷ୍ଠିତ ହୋଇଥିଲା । ପଦ୍ମପୁର ନିକଟସ୍ଥ ଗୁଣ୍ଡିଚା ମନ୍ଦିର ଛକଠାରୁ ପଦ୍ମପୁର, ଜୁମୁରୁଗୁଡା ଓ ଜଗମଣ୍ଡା ପରିକ୍ରମା କରିଥିଲା । ଏଥିରେ ପଦ୍ମପୁର ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଆବାହକ ଗୋପାଳ ସାହୁ, ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ରମେଶ ଚନ୍ଦ୍ର ପଣ୍ଡା, ଯୁବନେତା ନଚିକେତା ସାହୁଙ୍କ ସହ ବହୁ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ ।

## ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତାକୁ ଢଳିରହିଛି ବିଦ୍ୟୁତ୍ ଖୁଣ୍ଟ



ମୁନିଗୁଡା,୧୯ ।୫(ସମିସ): ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି । କୌଣସି ସ୍ଥାନରେ ଦୁର୍ଘଟଣା ନହେବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଚେତା ପଶୁନି । ରାସ୍ତା ଉପରକୁ ଢଳି ରହିଥିବା ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ ନିମନ୍ତେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନି । ମୁନିଗୁଡ଼ା ବ୍ଲକ ପାତ୍ରଗୁଡା ରାଜରାସ୍ତା ପାଶ୍ୱର୍ରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । କାଳ ବୈଶାଖୀ ଯୋଗୁଁ ଖୁଣ୍ଟଟି ବଙ୍କା ହୋଇ ରାସ୍ତା ଉପରକୁ ଢଳି ହୋଇ ରହିଛି । ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଭାରିଯାନ ସହ ଗାଡ଼ି ମୋଟର ଯିବା ଆସିବା କରୁଛି । ପ୍ରତିଦିନ ବହୁ ଛାତ୍ରଛାତ୍ରୀ ନିକଟସ୍ଥ ବିଦ୍ୟାଳୟକୁ ଯାତାୟାତ କରୁଥିବାରୁ ଅଘଟଣ ଆଶଙ୍କା କରାଯାଉଛି । ମୁଖ୍ୟ ସଡ଼କ ନିକଟରେ ଦେବଦେବୀ ମନ୍ଦିର ରହିଥିବା ବେଳେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଜମୁଛି । ରାସ୍ତା କଡ଼ରେ ବିଭିନ୍ନ ପ୍ରକାର ଦୋକାନ ରହିଛି । ବିଦ୍ୟୁତ ଖମ୍ବ ଓ ତାର ରାସ୍ତା ଉପରକୁ ଢଳି ରହିବା ଫଳରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକ ଏହି ବିଦ୍ୟୁତ୍ ଖୁଣ୍ଟ ତଳ ଦେଇ ଯାତାୟାତ କରିଥାନ୍ତି । ସେହିପରି ଅମ୍ବାଦଳା ହାଇସ୍କୁଲ ନିକଟରେ ଏକ ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବିଦ୍ୟୁତ ବିଭାଗର ନିଘା ନାହିଁ । ଦୁଇଟି ସ୍ଥାନରେ ଥିବା ବିଦ୍ୟୁତ୍ ଖୁଣ୍ଟ ମରାମତି ନ ହେଲେ ଧନଜୀବନ ହାନିର ଆଶଙ୍କା ରହିଛି । ରାସ୍ତା ଉପରକୁ ଢଳି ରହିଥିବା ବିପଦ ସଂକୁଳ ବିଦ୍ୟୁତ୍ ଖୁଣ୍ଟର ପରିବର୍ତ୍ତନ ନିମନ୍ତେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳି ନଥିବା ପାତ୍ରଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୌଣସି ସ୍ଥାନରେ ଦୁର୍ଘଟଣା ନହେବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଚେତା ପଶୁ ନାହିଁ ବୋଲି ଚର୍ଚ୍ଚା ହେଉଛି । ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଯୋଗୁଁ ଦୀର୍ଘଦିନ ହେଲା ବିପଦପୂର୍ଣ୍ଣ ଅବସ୍ଥାରେ ଖୁଣ୍ଟ ରହିଥିବା ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିଇଡି ନାମଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ମାଥିଲି, ୧୯ ।୫(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଛାତ୍ରଛାତ୍ରୀ ମାନେ ବିଇଡି ଶିକ୍ଷା ପାଇଁ ବାହାର ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଯାଉଛନ୍ତି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁଭବ କରି ୨୦୧୮ ମସିହାରେ ଜିଲ୍ଲାରେ ବିଇଡି ଶିକ୍ଷା ଭିତ୍ତିଭୂମିର ଶୁଭ ଉଦ୍‌ଘାଟନ କରିଥିଲେ । କିନ୍ତୁ ୨୦୧୮ ଠାରୁ ଆଜି ପର୍ଯ୍ୟନ୍ତ ନାମଲେଖା ହୋଇପାରୁ ନାହିଁ । ଯାହା ଫଳରେ ଜିଲ୍ଲାର ଆଦିବାସୀ ଯୁବକ ଯୁବତୀ ମାନେ ବାହାର ଜିଲ୍ଲା ତଥା ରାଜ୍ୟ ବାହାର ଉପରେ ନିର୍ଭର କରୁଛନ୍ତି ।




ଜିଲ୍ଲାର ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋରାପାଲ୍ଲୀ ଗ୍ରାମର ଶିକ୍ଷାବିତ୍ ସଦାଶିବ ନାୟକ ଆଜି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଜିଲ୍ଲାରେ ସରକାରୀ ବିଇଡି ମହାବିଦ୍ୟାଳୟରେ ତୁରନ୍ତ ନାମ ଲେଖା ଚାଲୁ କରିବା ପାଇଁ ଅଭିଯୋଗ କରିଛନ୍ତି । ଆଦିବାସୀ ଯୁବକ ସଦାଶିବଙ୍କ ଅଭିଯୋଗ ପାଇବା ପରେ ଖୁବ ଶୀଘ୍ର ନାମ ଲେଖା ନେଇ ପ୍ରତିଶୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ । ଏପରି ଖବର ଜାଣିବା ପରେ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

## ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ



ମାଲକାନଗିରି, ୧୯ ।୫(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ଆଇଏମଏସଟି ସ୍କୁଲ ନିକଟରେ ପୌର ପରିଷଦ ଓ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ଆଜି ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୂଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ପୌର ପରିଷଦ ଉପାଧ୍ୟକ୍ଷା କବିତା ମାହୁନ୍ତ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଅଶୋକ ଚକ୍ରବର୍ତ୍ତୀ, ପୌର ପରିଷଦ ସଂସଦ ପ୍ରତିନିଧି ବିଜୟ କୁମାର ମହାରଣା, ପୌର ପରିଷଦ ବିଧାୟକ ପ୍ରତିନିଧି ରାହୁଲ ଟାୱରି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସଦର ମହକୁମାରେ ଏଭଳି ଏକ ଆଦର୍ଶ ଶ୍ମଶାନର ଆବଶ୍ୟକତା ଥିବା ବେଳେ ଏହାଦ୍ୱାରା ସ୍ୱଚ୍ଛ ପରିବେଶ ମଧ୍ୟରେ ଲୋକେ ଶବ ସତ୍କାର କରିପାରିବେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଏଥିରେ ପାନୀୟ ଜଳ, ପାର୍କ, ଗୋଦାମ ଗୃହ, ଶିବଙ୍କ ପ୍ରତିମୂର୍ତ୍ତି ଓ ଆଶ୍ରୟସ୍ଥଳର ସୁବିଧା କରାଯାଇଛି । ଏହା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ପୌର ପରିଷଦ ଦ୍ୱାରା ମୋଟ ୧ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ।

### ଅମ୍ବାଦଳା ହାଇସ୍କୁଲକୁ ଅଣଦେଖା

## ଖାଲି ପଡ଼ିଛି ଶିକ୍ଷକ ପଦବୀ

ମୁନିଗୁଡା,୧୯ ।୫(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ସଂସ୍କୃତ ଶିକ୍ଷକ, କ୍ରୀଡ଼ା ଶିକ୍ଷକଙ୍କ ସମେତ କିରାଣୀ ପଦବୀ ଖାଲି ପଡ଼ିଥିଲା । ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ଉକ୍ତ ବିଦ୍ୟାଳୟରେ ଜଣେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ନିଯୁକ୍ତି ଦିଆଯିବାରୁ ଅଭିଭାବକ, ଛାତ୍ରଛା।ତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ରାୟଗଡ଼ା ଜିଲ୍ଲାର ସର୍ବାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି । କେଉଁ ନିୟମ ଆଧାରରେ ଜଣେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ନିଯୁକ୍ତି କରାଗଲା ଅଭିଭାବକ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖିଲେ ଆହୁରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ରହିଛି । ଅମ୍ବାଦଳା ସରକାରୀ ମାଧ୍ୟମିକ ବିଦ୍ୟାଳୟ ରାୟଗଡ଼ା ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଓ ଏଠାରେ ୮ ଶହ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଜିଲ୍ଲାର ସର୍ବାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନରତ । ତେଣୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଖାଲିଥିବା ସ୍ଥାନ ପୂରଣ କରିବାକୁ ଦାବି ହେଉଛି । ଦାବି ପୂରଣ ନହେଲେ ଅଭିଭାବକ ମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧାହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



ନବରଙ୍ଗପୁର, ୧୯।୫(ସମିସ): ନବରଙ୍ଗପୁର ଜିଲ୍ଲାରେ ପାଳିତ ହେଇଯାଇଛି ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ । ନବରଙ୍ଗପୁର ସହର ସ୍ଥିତ ମିଶନ ଶକ୍ତି ସଭା ଗୃହରେ ଜିଲ୍ଲା ସ୍ତରୀୟ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ନବରଙ୍ଗପୁରରେ କିସ୍‌ର ଜିଲ୍ଲା ସଂଯୋଜକ ଶିବାଶିଷ ବଳବନ୍ତଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ରୂପେ ଝରୀଗାଁ ଜୋନ-୧ରେ ଜିଲ୍ଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଆଦିବାସୀ ମହାସଙ୍ଘର ରାଜ୍ୟ ସଂଯୋଜକ ରାଜ ମୋହନ ଭତରା, କିଟ୍, କିସ ଅବିଭାବକ ସଙ୍ଘର ସଭାପତି ସୁନାଧର ଭତରା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ସମସ୍ତ ୧୦ଗୋଟି ବ୍ଲକରେ ନବରଙ୍ଗପୁର ସଦର ବ୍ଲକର ମାଝୀଗୁଡ଼ା ଅନାଥ ଆଶ୍ରମ, ପାପଡ଼ାହାଣ୍ଡିର ସେମଳା, ଡାବୁଗାଁର ଛେଳିବେଡ଼ା କୋଷାଗୁମୁଡାର ଉମରଗାଁ, ତେନ୍ତୁଲୀଖୁଣ୍ଟିର କବାଗୁଡା ଅନାଥ ଆଶ୍ରମ, ନନ୍ଦାହାଣ୍ଡି ସିନ୍ଧିଗୁଡା ଅନାଥ ଆଶ୍ରମ, ଉମରକୋଟ ସେମେଳା ଆମ୍ବତୋଟା, ରାଇଘରର ସରଗୁଲି, ଝରୀଗାଁ ବ୍ଲକର ଡାମଣାଗୁଡା ଗାଁରେ ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । କିଟ କିସ ପକ୍ଷରୁ ପିଲାଙ୍କୁ ଖାତା, କଲମ, ସହ ଖାଇବା ଜିନିଷ ବଣ୍ଟନ କରାଯାଇଥିଲା ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରମାନନ୍ଦ ଦାସଙ୍କ ପରଲୋକ



ପଦ୍ମପୁର,୧୯।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁରର ଅବସରପ୍ରାପ୍ତ ଶିକ୍ଷକ ତଥା ସାମ୍ବାଦିକ ପରମାନନ୍ଦ ଦାସଙ୍କର ଆଜି ଭୁବନେଶ୍ୱର ସ୍ଥିତ ତାଙ୍କ ପୁତ୍ର ବିଷ୍ଣୁ ପ୍ରସାଦ ଦାସଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଦ୍ମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସ ପକ୍ଷରୁ କୃଷକ ସଚେତନତା ଶିବିର




କୁଡୁମୁଲୁଗୁମ୍ମା, ୧୯ ।୫(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଆଦର୍ଶ ସମବାୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଲ୍ୟାମ୍ପ୍‌ସ ସଭାପତି ଗୋପୀ ପାଙ୍ଗୀ ସଭାପତିତ୍ୱ କରିଥଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ପ୍ରାଣୀ ସମ୍ପଦ ଅଧିକାରୀ ସୈମ୍ୟ ରଞ୍ଜନ ପଟ୍ଟନାୟକ, ସମାଜସେବୀ ସାଧୁ ହନ୍ତାଳ, ହେମନ୍ତ କୁମାର ଦାସ,ଭଗବାନ ସାହୁ, ଅର୍ଜୁନ ଓଡି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ଏହି ଅବସରରେ ଖଇରପୁଟ ବ୍ଲକ ଯୋଗାଣ ଅଧିକାରୀ ଓ ସୋମନାଥପୁର ପ୍ରାଣୀ ସମ୍ପଦ ଅଧିକାରୀ ଦ୍ୱୟ କୃଷକମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ଆର୍ଥିକ ପ୍ୟାକେଜ୍ ଉପରେ ନିଜର ମତପୋଷଣ କରିଥିଲେ । କୃଷି ଋଣ, କୃଷି ଯନ୍ତ୍ରପାତି ଋଣ, ଗୋପାଳନ, ଛେଳି ଚାଷ, ମତ୍ସ୍ୟ ଚାଷ ଏବଂ ଖରିଫ୍ ମଣ୍ଡିରେ ଧାନ ଫସଲ ବିକ୍ରି ସମ୍ବନ୍ଧୀୟ ବ୍ୟାପକ ସୂଚନା ପ୍ରଦାନ କରାଯାଇଛି । ଏହି ଶିବିରରେ ପାଖାପାଖି ୬୦ରୁ ଅଧିକ ପୁରୁଷ ଓ ମହିଳା ଚାଷୀ ମାନେ ଉପସ୍ଥିତ ରହି ବିଭିନ୍ନ ଯୋଜନା ସମ୍ବନ୍ଧରେ ପ୍ରଶ୍ନ କରିଥିଲେ । ଏହାର ଉତ୍ତର ବିଭାଗୀୟ ଅଧିକାରୀମାନେ ଦେଇଥିଲେ । କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସକୁ ଜିଲ୍ଲାର ଏକମାତ୍ର ଆଦର୍ଶ ସମବାୟ ସମିତିର ମାନ୍ୟତା ଶେଷରେ ଲ୍ୟାମ୍ପ୍‌ସ ଏମଡି ଶ୍ରୀ ରାଉତ ସମବାୟ ବିଭାଗକୁ ଧନ୍ୟବାଦ ଦେଇଥିଲେ ।

## ନୂତନ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ଖଇରପୁଟ,୧୯ ।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଶିକ୍ଷାଧିକାରୀ ଭାବେ ଦିଲୀପ କୁମାର ଗଣ୍ଡଙ୍କୁ ନିଯୁକ୍ତି ଦିଆଯାଇଛି । ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଖଇରପୁଟ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ଅନେକ ଅନୁଭବୀ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଏନ୍‌ପିଏସ ସଂଘର ସଭାପତି ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଉପଦେଷ୍ଟା ଡମ୍ବରୁ ସୀସା, ପ୍ରମୋଦ କୁମାର ରାଉଳ, ନାରାୟଣ ମହାନ୍ତି, ଗଙ୍ଗା କିର୍ଷାନି, ହାତୀ କିର୍ଷାନି ଓ ଗୁରୁ ପାଙ୍ଗି ଉପସ୍ଥିତ ଥିଲେ । ଶ୍ରୀ ଗଣ୍ଡ ପୂର୍ବରୁ କୁଡୁମୁଲୁଗୁମ୍ମା ବ୍ଲକର ଏକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିଲେ । ତାଙ୍କ ନିଯୁକ୍ତି ଯୋଗୁଁ ଖଇରପୁଟ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ନୂଆ ଉତ୍ସାହ, ନୂଆ ଦିଗଦର୍ଶନ ଓ ଏକ ସକାରାତ୍ମକ ପରିବର୍ତ୍ତନର ଆଶା ସୃଷ୍ଟି ହୋଇଛି ।

# ଜିଲ୍ଲା ବାହାରକୁ ବେଆଇନ ବାଲି ଚାଲାଣ

ମାଥିଲି, ୧୯ ।୫(ସମିସ): ବାଲି ଘାଟରୁ ବାଲି ବାହାର ରାଜ୍ୟ କିମ୍ବା ବାହାର ଜିଲ୍ଲାକୁ ଚାଲାଣ ହୋଇ ପାରିବନି । କିନ୍ତୁ ବାଲିମାଫିଆ ଓ ଜିଲ୍ଲା ଖଣି ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବାହାର ରାଜ୍ୟ ଓ ବାହାର ଜିଲ୍ଲାକୁ ବେଧଡ଼କ ଚାଲିଛି ଚୋରା ଚାଲାଣ । ନିୟମ ଅନୁଯାୟୀ ବାଲି ଘାଟରୁ ଚାଲାଣ ହେଉଥିବା ଟିପ୍ପର ଗୁଡିକ ରାତ୍ରିରେ ଯାତାୟାତ କରିବା କଥା । କିନ୍ତୁ ଖଣି ନିୟମକୁ ଫୁ କରି ଦିନ ଦ୍ୱିପ୍ରହରରେ ବେଧଡ଼କ ଚାଲିଛି ବାଲି ଚାଲାଣ । ଜିଲ୍ଲା ଖଣି ବିଭାଗର ଅଧିକାରୀଙ୍କୁ ପଚାରିଲେ ଦିନରେ ବାଲି ଯାଉଥିବା ସତ୍ୟ ନୁହେଁ । ରାଜ୍ୟ ଓ ଜିଲ୍ଲା ବାହାରକୁ ବାଲି ଚାଲାଣ ହେବା ତାଙ୍କ ନଜରକୁ ଆସି ନାହିଁ ବୋଲି ପ୍ରକାଶ କରିଛନ୍ତି ।

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ବିଭିନ୍ନ ବାଲି ଘାଟରୁ ବାଲି ଚୋରା ଚାଲାଣ ହେଉଛି । ବିଶେଷ କରି ପାଙ୍ଗାମ ପଞ୍ଚାୟତ ବଡ଼ାଗୁଡା ବାଲି ଘାଟରୁ ଜିଲ୍ଲା ବାହାରକୁ ଦିନ ଦ୍ୱିପ୍ରହରରେ ବେଧଡକ ଭାବେ ବାଲି ଗାଡି ଯାଉଥିବା ଅଭିଯୋଗ ହେଉଛି । ବାଲି ଘାଟରୁ ବାହାରି ୩୨୬ ନମ୍ବର ଜାତୀୟ



ରାଜପଥ ଗୋବିନ୍ଦପାଲ୍ଲୀ ପୁଲିସ ଚେକ୍ ଗେଟ୍ ଦେଇ ପଡ଼ୋଶୀ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଦିନ ଦ୍ୱିପ୍ରହରରେ ବାଲି ବେଧଡକ ଭାବେ ଚାଲାଣ ହେଉଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଏହି ଅଞ୍ଚଳର ବାଲି ଘାଟରୁ ମାଥିଲି ଦେଇ ମାଥିଲି-କିଆଙ୍ଗ ରାସ୍ତାରେ ସୀମାବର୍ତ୍ତି ମହୁପଦର ପଞ୍ଚାୟତ ଦେଇ ଛତିଶଗଡ଼ ରାଜ୍ୟକୁ ମଧ ଚାଲିଛି ଚୋରା ବାଲି ଚାଲାଣ । ଏ ବିଷୟରେ ଜିଲ୍ଲା ଖଣି ଅଧିକାରୀ ସତ୍ୟନ୍ଦ୍ର ସରଦାରଙ୍କୁ ପଚାରିବାରୁ ଆମର ଦିନରେ ବାଲି ଚାଲାଣ କରିବାର ନିୟମ ନାହିଁ । ବାକି ସରକାରୀ କାର୍ଯ୍ୟ ଗୁଡିକ ପାଇଁ ଯାଇ ପାରିବ ବୋଲି ପ୍ରକାଶ କରିଛନ୍ତି । ଏହା ସହ ଜିଲ୍ଲା ଓ ରାଜ୍ୟ ବାହାରକୁ ବାଲି ଚାଲାଣ ହେବାର କୌଣସି ନିୟମ ନାହିଁ । ଯଦି ଚାଲାଣ ହେଉଛି, ତାହେଲେ ଆମ ନଜରକୁ ଆସିଲେ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ଜିଲ୍ଲା ପ୍ରଶାସନ ଦିନ ଦ୍ୱିପ୍ରହରରେ ଓ ରାଜ୍ୟ ତଥା ଜିଲ୍ଲା ବହାରକୁ ଚାଲାଣ ହେଉଥିବା ବାଲି ଟିପ୍ପର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହୋଇଛି ।

# ନାରୀ ନିର୍ଯାତନା ମାମଲାରେ ଦୁଇ ଦୋଷୀ ସାବ୍ୟସ୍ତ

ରାୟଗଡା,୧୯ ।୫(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ଗ୍ରାମ୍ୟ ନ୍ୟାୟାଳୟର ବିଚାରପତି ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ଗତ ୨୦୨୨ ମସିହାର ଏକ ନାରୀ ନିର୍ଯାତନା ମାମଲାରୁ ଶୁଣାଣି କରି ଦୁଇ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ମୁତାବକ, ଗତ ୨୦୨୨ ମସିହା ଜାନୁଆରୀ ୧୦ ତାରିଖରେ କୋଲନରା ବ୍ଲକ କେଲିଗୁଡ଼ା ପଞ୍ଚାୟତର ରେବତୀଗୁଡା ଗ୍ରାମର ନିଶା କାଡ୍ରାକା ନିଜର କପା ବାଡ଼ରେ କାମ କରୁଥିଲେ। ଏହି ସମୟରେ ସେହି ଗ୍ରାମର ସାଙ୍ଗନା କେଶକେରିକା ଓ ଜିତୁ କାଡ୍ରାକା ମିଶି ନିଶା କାଡ୍ରକାଙ୍କୁ ଟେକି ନେବାକୁ ଉଦ୍ୟମ କରୁଥିବା ବେଳେ ସେ ଚିତ୍କାର କରିବାରୁ ନିକଟରେ କାମ କରୁଥିବା ବିରସିଂହ କାଡ୍ରାକା ଓ କାମନା କାଡ୍ରାକା ଘଟଣାସ୍ଥଳରେ ପହଞ୍ଚି ନିଶାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତ ସାଙ୍ଗନା କେଶକେରିକା ଓ ଜିତୁ କାଡ୍ରାକାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏହି ମାମଲାର ତଦନ୍ତ ଅଧିକାରୀ ସୀମା ପ୍ରଧାନ ସାକ୍ଷ୍ୟ ପ୍ରମାଣ ସହ ଅଭିଯୁକ୍ତଙ୍କୁ ନେଇ କୋଲନରା ଗ୍ରାମ୍ୟ ନ୍ୟାୟାଳୟରେ ଦାଖଲ କରିଥିଲେ। ବିଚାରପତି ଜ୍ୟୋତିର୍ମୟୀ ସଡ଼ଙ୍ଗୀ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦୁଇ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ହରିହର କଅଁର ଓ ଜଗନ୍ନାଥ ଦୋରା ମକଦ୍ଦମା ଲଢୁଥିଲେ।

# ମାନସିକ ରୋଗରେ ଆକ୍ରାନ୍ତ ନାବାଳିକାକୁ ଦୁଷ୍କର୍ମ, ଜେଲ ଗଲେ ଯୁବକ

କୋରୁକୋଣ୍ଡା, ୧୯ ।୫(ସମିସ): ଜଣେ ୧୭ ବର୍ଷୀୟ ମାନସିକ ରୋଗରେ ପୀଡ଼ିତ ନାବାଳିକାର ସରଳତାର ସୁଯୋଗ ନେଇ ଦୁଷ୍କର୍ମ କରିଥିଲେ ଯୁବକ। ନାବାଳିକା ଜଣଙ୍କ ଗର୍ଭବତୀ ହେବା ଜଣାପଡ଼ିବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଯୁବକଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧିନସ୍ଥ ଏମଭି-୩୬ ଗ୍ରାମରେ ହର ବିଳାସ ମିସ୍ତ୍ରୀଙ୍କ ପୁଅ ସତ୍ୟମ ମିସ୍ତ୍ରୀ। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତ ୧୭ ତାରିଖ ଶନିବାର ଦିନ ନାବାଳିକାଙ୍କ ପରିବାର ଲୋକେ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର-୧୪୬/୨୦୨୫ ଦଫା ୬୪(୨) (ଏମ )(କେ) ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ସତ୍ୟମକୁ ଏସଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ରବିବାର ଦିନ ତାଙ୍କ ଗ୍ରାମରେ ଥିବା ଘରୁ ଗିରଫ କରିଥିଲେ। ପୁଲିସ ପକ୍ଷରୁ ଆଜି ତାର ଡାକ୍ତରୀ ମାଇନା କରାଯିବା ପରେ ଘଟଣାରେ ସମ୍ପୃକ୍ତ ଥିବା ସତ୍ୟମକୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ ଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି। ତେବେ ମିଳିଥିବା ସୂଚନା ମୁତାବକ ଗତ ୩/୪ ଦିନ ପୂର୍ବେ ନାବାଳିକା ଜଣକ ପ୍ରବଳ ପେଟ କାଟିବା ସହିତ ବାନ୍ତି କରବା ଯୋଗୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପରିବାର କୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାକୁ ଚିକିତ୍ସା ନିମନ୍ତେ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ଦୁଇ ମାସର ଗର୍ଭବତୀ ଥିବା ନେଇ ଡାକ୍ତର ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ବର୍ତ୍ତମାନ ନବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନଥିବାରୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇପାରି ନାହିଁ। ସ୍ୱାସ୍ଥ୍ୟ ଠିକ ହେବା ପରେ ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏସ ଆଇ ଶ୍ରୀ ବରିହା ସୂଚନା ଦେଇଛନ୍ତି।

# ମଧୁସ୍ମିତା ଜାନିଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନ



ଗୁଡାରୀ, ୧୯।୫(ସମିସ): ଶୁକ୍ରବାର ଦିନ ଜୟପୁର ଠାରେ 'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ ଅନୁଷ୍ଠିତ ମାଟ୍ରିକ୍ ଉତ୍କର୍ଷ ସମ୍ମାନ କାର୍ଯ୍ୟକ୍ରମରେ ଗୁଡାରୀ ବ୍ଲକର ଶିକ୍ଷକ ସତ୍ୟନାରାୟଣ ଜାନିଙ୍କ ଝିଅ ମଧୁସ୍ମିତା ଜାନିଙ୍କୁସମ୍ମାନିତ କରାଯାଇଛି। ସୁଶ୍ରୀ ମଧୁସ୍ମିତା ଜାନି 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ୟାକିଂ ମେସିନ୍ ବିକ୍ରି ନାମରେ ଠକେଇ ; ଜଣେ ଗିରଫ

ଜୟପୁର,୧୯।୫(ସମିସ):




ପ୍ୟାକିଂମେସିନ ପ୍ରଦାନ କରିବା ନାମରେ ଟଙ୍କା ଠକେଇ କରିଥିବା ମାମଲାରେ ଜୟପୁର ସଦର ଥାନା ପୁଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ୫ ଲକ୍ଷ ୨ଶହ ଟଙ୍କା ନେଇ ମେସିନ ପ୍ରଦାନ ନକରିବାରୁ ଠକେଇ ମାମଲାର ଦୀର୍ଘ ୨ ବର୍ଷ ୫ ମାସ ପରେ ବିକ୍ରୟ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ କୋରାପୁଟ ଟାଉନଥାନା ପୁଜାରିପୁଟର ପାଲା କଲୋନୀରେ ଭଡ଼ାଗୃହରେ ରହୁଥିବା ଜି.ସନ୍ତୋଷ କୁମାର (୪୨)। ଜୟପୁର ଏକଟାଗୁଡ଼ାର ବାସିନ୍ଦା ରଶ୍ମିତା ଷଡ଼ଙ୍ଗୀଙ୍କ ଏତଲା କ୍ରମେ, ତେନ୍ତୁଳି ପ୍ୟାକିଂ ମେସିନ ବିକ୍ରି କରିବା ନେଇ ବ୍ୟାଙ୍କ ପକ୍ଷରୁ ବିକ୍ରେତା ଅଭିଯୁକ୍ତ ସନ୍ତୋଷଙ୍କ ନାମରେ ୫ ଲକ୍ଷ ୨ଶହ ଟଙ୍କାର ଏକ ଚେକ୍ ଗତ ୨୦୨୨ମସିହା ଅକ୍ଟୋବର ମାସରେ ପ୍ରଦାନ କରାଯାଇଥିଲା। କିନ୍ତୁ, ଅଭିଯୁକ୍ତ ମେସିନ ପ୍ରଦାନ କରିନଥିଲେ। ଶେଷରେ ଅଭିଯୋଗକାରୀଣି ତଥା କ୍ରେତା ଶ୍ରୀମତି ଷଡ଼ଙ୍ଗୀଙ୍କ ଫୋନ ମଧ୍ୟ ଉଠାଇନଥିଲେ। ଏନେଇ ଅଭିଯୋଗକାରୀଣି ଗତ ୨୦୨୨ ମସିହା ଡିସେମ୍ବର ୧ ତାରିଖରେ ସ୍ଥାନୀୟ ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ ହେବାର ୨ବର୍ଷ ୫ ମାସ ପରେ ଅଭିଯୁକ୍ତକୁ ପୁଲିସ ଗିରଫ କରିବାସହ କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

● ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ'

# ଜନଶୁଣାଣିରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ



ବୈପାରୀଗୁଡ଼ା,୧୯।୫(ସମିସ): ବୈପାରିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ନିବେଦିତା ଦଣ୍ଡସେନା ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଜିଲ୍ଲା ପରିଷଦ ସଭ୍ୟ ରାଜେଶ୍ୱର ମହୁରିଆ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ପିଇଓ ପ୍ରଫୁଲ୍ଲ ଦାସ, ଏଡିଇଓ ଖଗେଶ କୁମଝରିଆ, ଯୋଗାଣ ସହାୟକ ମଧୁସୂଦନ ରାଉତ ଉପସ୍ଥିତ ଥିଲେ। କିନ୍ତୁ ବ୍ଲକ ସ୍ଥାନୀୟ ବିଭାଗୀୟ ଅଧିକାରଙ୍କ ଦେଖା ନଥିଲା। ଯାହାକୁ ନେଇ ଜନ ଅସନ୍ତୋଷ ବଢ଼ିଥିଲା। କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ପଞ୍ଚାୟତଗୁଡ଼ିକରେ ସୋମବାର ପଞ୍ଚାୟତବାସୀଙ୍କ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। କିନ୍ତୁ, ସୋମବାର ଆୟୋଜିତ ବୈପାରିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କଲାଭଳି ଜଣାପଡ଼ିଛି। କେବଳ ଆଜି ନୁହଁ, ପ୍ରାୟ ସମସ୍ତ ଜନଶୁଣାଣିରେ ଏଭଳି ସମାନ ସ୍ଥିତି ଥିବା ନେଇ ଗାଁ ଲୋକେ ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ ଅଭିଯୋଗ କରିଥିଲେ। ଜନଶୁଣାଣିରେ ଅନୁପସ୍ଥିତିକୁ ନେଇ ବିଭାଗୀୟ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି। ଏଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଏବିଡିଓ କହିଛନ୍ତି।

# ଏନ୍‌ଜିଟିର ଅଭିଯୋଗକୁ ଗୃହ କମିଟିର ଖଣ୍ଡନ

କୋରାପୁଟ, ୧୯।୫ (ସମିସ): ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ରାଜ୍ୟ ସରକାର ଆଇନ ବାହାରକୁ ଯାଇ ଜଙ୍ଗଲ ଜମିରେ କଂକ୍ରିଟ ନିର୍ମାଣ କରିବା ଅଭିଯୋଗରେ ନେସନାଲ ଗ୍ରୀନ ଟ୍ରିବୁନାଲ ରାଜ୍ୟ ସରକାରଙ୍କୁ ନୋଟିସ କରିବା ଘଟଣାରେ ବିଧାନ ସଭା ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟିର ଅଧ୍ୟକ୍ଷା ସୀମା ରାଣୀ ନାୟକ ଓ ସଦସ୍ୟା ପ୍ରମିଳା ମଲ୍ଲିକ ଖଣ୍ଡନ କରିଛନ୍ତି। ଦେଓମାଳିରେ କୌଣସି ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ ହୋଇନାହିଁ, ଯାହା ହେଇଛି ସେ ସବୁ ରାଜସ୍ୱ ବିଭାଗ ଜମି ବୋଲି ଉଭୟେ ମତ ପ୍ରକାଶ କରିଛନ୍ତି। ଦେଓମାଳି ଏକ ବହୁତ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏହାର ବିକାଶ ପାଇଁ ବହୁମୁଖୀ ଯୋଜନା କରିଛନ୍ତି। ରାଜ୍ୟ ସରକାର ଓ କୋରାପୁଟ ଜିଲ୍ଲା ପ୍ରଶାସନ ଏ ନେଇ ଠିକ୍ ସମୟରେ ଏନଜିଟିରେ ନିଜ ପକ୍ଷ ରଖିବେ ବୋଲି କହିଛନ୍ତି।

# ମନୋରଞ୍ଜନ ପଣ୍ଡାଙ୍କୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ

କୋଷାଗୁମୁଡା,୧୯।୫(ସମିସ): ଶୁକ୍ରବାର ଦିନ କୋଷାଗୁମୁଡା ବ୍ଲକ୍‌ର ମାଟ୍ରିକ ଟପ୍ପର ତଥା ନବରଙ୍ଗପୁର ଜିଲ୍ଲାରେ ୪ନମ୍ବର ର୍‌ୟାଙ୍କ ରଖିଥିବା କୋଷାଗୁମୁଡା ହାଇସ୍କୁଲର ଛାତ୍ର ମନୋରଞ୍ଜନ ପଣ୍ଡା(ଶ୍ରୀଧର) ଙ୍କୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ ମା ଓ ଭଉଣୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବହୁତ ଖୁସି ଓ ଗର୍ବିତ ବୋଲି କହିଛନ୍ତି।



# ମାଟ୍ରିକ ଉତ୍କର୍ଷ ସମ୍ମାନରେ ସମ୍ମାନିତ ହେଲେ ଚନ୍ଦନ

ତେନ୍ତୁଲିଖୁଣ୍ଟି ୧୯।୫(ସମିସ): 'ସକାଳ' ଓ 'ନନ୍ଦିଘୋଷ' ତରଫରୁ ସମ୍ମାନିତ ହୋଇଛନ୍ତି ଚନ୍ଦନ କୁମାର ସାହୁ। ୮୭.୮୩ ଶତକଡା ନମ୍ବର ରଖି ଚନ୍ଦନ ତେନ୍ତୁଲିଖୁଣ୍ଟି ବ୍ଲକ ଟପର ହୋଇଥିଲେ। ଚନ୍ଦନ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଖାତିଗୁଡାର ଛାତ୍ର ଅଟନ୍ତି। 'ସକାଳ' ତରଫରୁଆୟୋଜିତ ଏହିଅଭିନବ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।



# ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

ବୈପାରୀଗୁଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅଧୀନ ଭରୁଆବାଡ଼ି ଜଙ୍ଗଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ସୋମବାର ସକାଳେ ଭରୁଆବାଡ଼ି ଗାଁ ଲୋକ ଜାଳେଣି କାଠ ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କାଠ ସଂଗ୍ରହ ବେଳେ ମୃତଦେହ ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ବୈପାରିଗୁଡ଼ା ଥାନାକୁ ଖବର ଦେବାରୁ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପୁଲିସ ଟିମ୍ ନେଇ ପହଞ୍ଚିଥିଲେ। ମୃତକ ଜଣେ ପୁରୁଷ ବୋଲି ଜଣାପଡ଼ିଛି। ମୃତଦେହରେ ପୋକ ଲାଗିଯାଇଥିବାରୁ ଶବ ଚିହ୍ନଟ ହୋଇପାରୁନାହିଁ। ପରେ କୋରାପୁଟ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ଆଇଆଇସି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

# ହୃଦ୍‌ଘାତରେ ବ୍ଲକ କଂଗ୍ରେସ ଉପସଭାପତିଙ୍କ ପରଲୋକ

କୋରାପୁଟ,୧୯।୫(ସମିସ): କୋରାପୁଟ ବ୍ଲକ କଂଗ୍ରେସ କମିଟି ସଭାପତି ଧନିଦାସ ଖିଲୋଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ



ଦୀର୍ଘ ବର୍ଷରୁ କଂଗ୍ରେସ ଦଳରେ ରହି ସାଂଗଠନିକ ଦାୟିତ୍ୱ ତୁଲାଉଥିଲେ। ରବିବାର ଅପରାହ୍ଣରେ ଗ୍ରାମ ସୁକୁସ୍ଥିତ ଘରେ ଖାଇସାରି ବିଶ୍ରାମ ନେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହସ୍ପିଟାଲ ନେବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, କୃଷ୍ଣ ସଗରିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗଦୀଶ ଖୋସଲା, ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସାଂସଦ ପ୍ରତିନିଧି ବାବୁଲା ବେନିଆ, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ରଘୁ ଜାନି, ବ୍ଲକ କଂଗ୍ରେସ ସଭାପତି ରମେଶ ବାଖିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଚାଷୀ ଓ ଡିଲରଙ୍କ ସହ ବିଧାୟକଙ୍କ ଆଲୋଚନା



ଉମରକୋଟ/ଝରିଗାଁ,୧୯।୫(ସମିସ):

ସାରର ଅଭାବୀ ବିକ୍ରିକୁ ନେଇଁ ବିଧାୟକଙ୍କ ବୈଠକ ଅନୁଷ୍ଠିତ ହୋଇଛି। ସୋମବାର ବିଧାୟକ ନରସିଂହ ଭତ୍ରାଙ୍କ ଗସ୍ତ କାଳରେ ଝରିଗାଁ ଆତ୍ମା କାର୍ଯ୍ୟାଳୟରେ ଚାଷୀ, ଡିଲର, କୃଷି ଅଧିକାରୀଙ୍କ ସମେତ ଆଗାମୀ ଦିନରେ ଚାଷୀ କିଭଳି ସୁବିଧାରେ ତଥା ସଠିକ ସମୟରେ ଏବଂ ସଠିକ ଦରରେ ବିହନ ଓ ରାସାୟନିକ ସାର ପାଇପାରିବେ ସେଥିପାଇଁ ଆଲୋଚନା କରାଯାଇଥିଲା। ପ୍ରତିପକ୍ଷ ନିଜର ସମସ୍ୟା ବାଢିଥିଲେ, ହେଲେ ଅନ୍ୟ ବ୍ଲକ ତୁଳନାରେ ଝରିଗାଁକୁ ଏକକାଳୀନ ଆବଶ୍ୟକ ପରିମାଣରେ ସାର ମିଳୁନଥିବା ଏବଂ ଝରୀଗାଁ ବ୍ଲକ୍‌ରେ ୫୨ଜଣ ଲାଇସେନ୍ସଧାରୀ ଥିଲେ ମଧ୍ୟ ସାର ବିକ୍ରୟ ଲାଗି ଏକନିର୍ଦ୍ଦିଷ୍ଟ କେନ୍ଦ୍ର ନଥିବାରୁ ଚାଷୀ ଏଠି ସେଠି ଚଢ଼ା ଦରରେ ସାର କିଣିବାକୁ ବାଧ ହେଉଥିବା କହିଥିଲେ। ସବୁ ସମସ୍ୟାର ସମାଧାନ ଲାଗି ପ୍ରଥମେ ଏକକାଳୀନ ଲ୍ୟାମ୍ପ ସମେତ ପ୍ରତ୍ୟେକ ସାର ବିକ୍ରୟ କେନ୍ଦ୍ରରେ ଚାଷୀଙ୍କୁ ସାର ଦିଆଯିବ। ଯାହାଦ୍ୱାରା ଚାଷୀ ଉପଯୁକ୍ତ ସମୟରେ ସାର ପାଇଲେ ଅଭାବୀ ବିକ୍ରି ଭଳି ସମସ୍ୟା ରହିବନାହିଁ ବୋଲି ଆଶାକରାଯାଇଥିଲା। ତାଛଡ଼ା ଡିଲରମାନଙ୍କ ସମସ୍ୟାକୁ ନେଇଁ ବିଧାୟକ ଜିଲ୍ଲା ସ୍ତରରେ ଆଲୋଚନା କରିବା ନେଇଁ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ଭତ୍ରାଙ୍କ ସମେତ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଆତ୍ମା ସଭାପତି କୁନୁତିୱାରୀ ଏବଂ ବିଭଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ଶ୍ରୀଅନ୍ନ ପ୍ରତିନିଧିଙ୍କ ମିଲେଟ୍ ୟୁନିଟ୍ ପରିଦର୍ଶନ




ସେମିଳିଗୁଡ଼ା,୧୯।୫(ସମିସ): ଶ୍ରୀଅନ୍ନ ଅଭିଯାନ କେନ୍ଦୁଝର ତରଫରୁ ୧୫ ଜଣିଆ ପ୍ରତିନିଧି ଦଳ ସୋମବାର ସେମିଳିଗୁଡ଼ା ବ୍ଲକ ରାଜୁପୁଟସ୍ଥିତ ମିଲେଟ ଶକ୍ତି ପ୍ରୋସେସିଂ ୟୁନିଟ ପରିଦର୍ଶନ କରିଛନ୍ତି। କିପରି ଏହି ୟୁନିଟ୍ ପରିଚାଳନା କରାଯାଏ ଏବଂ ମାଆମାନେ କିପରି ଏଠାରେ ନିଜର କାର୍ଯ୍ୟକରନ୍ତି। ଏହି ସଂସ୍ଥା କିପରି କାର୍ଯ୍ୟକାରୀ କରେ ଏବଂ ଏଠାରେ କେଉଁ ସବୁ ମାଣ୍ଡିଆ ଜାତୀୟ ପଦାର୍ଥ ପ୍ରସ୍ତୁତ କରାଯାଏ ତାହା ବୁଲି ଦେଖିଥିଲେ। ଆଲୋଚନା କରି ସମସ୍ତ ବିବରଣୀ ସେମାନେ ସଂଗ୍ରହ କରିଥିଲେ। ଟିମ୍‌ସହ କୋରାପୁଟ ଓ ଏଲ୍‌ଏମ୍ ଡିପିଏମ୍ ପ୍ରିୟମ୍ବଦ ବିଶୋଇ, ସରପଞ୍ଚ ପିତାମ୍ବର କିର୍ସାନି, ମନୋଜ ଲିମା, ଉଦିତ ପାଣିଗ୍ରାହୀ (ଏକ୍ସିସାଟ) ଏମ୍‌ବିକେ, ସିଆର୍‌ପି ଏବଂ କାର୍ଯ୍ୟରତ ଗ୍ରୁପ ସମୂହ ଉପସ୍ଥିତ ଥିଲେ।

# କବି ବାସୁଦେବ ପାତ୍ରଙ୍କ ସ୍ମୃତିସଭା



ରାୟଗଡ଼ା,୧୯।୫(ସମିସ): ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ସଭାପତି ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କବି ଭାରତୀ ବାସୁଦେବ ପାତ୍ରଙ୍କ ତିରୋଧାନ ଦିବସ ଅବସରରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କବି ସୁଶାନ୍ତ କୁମାର ନାୟକ ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ସ୍ୱର୍ଗତ ପାତ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଡକ୍ଟର ମହାନ୍ତି ନିଜ ବକ୍ତବ୍ୟରେ ବାସୁଦେବ ପାତ୍ରଙ୍କ ଓଡ଼ିଆ ଓ ସଂସ୍କୃତ ଭାଷାରେ ବିଦବତ୍ତା ଓ ପାଣ୍ଡିତ୍ୟ ସମ୍ପର୍କରେ ଉପସ୍ଥାପନା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଶ୍ରୀ ମୁଖାର୍ଜୀ , ତ୍ରିବେଣୀ ମିଶ୍ର, ହୃଷୀକେଶ ରଥ, ଅରୁଣ କୁମାର ଲେଙ୍କା, ଲାବଣ୍ୟ ମୋହନ ପଟ୍ଟନାୟକ, ରବି ଶତପଥି, ଅରୁଣ ପାଣିଗ୍ରାହୀ, ବିପିନ ବିହାରୀ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ କମିଟିର ସଂଗଠନ ସମ୍ପାଦକ ତଥା ସାହିତ୍ୟିକ ଦ୍ୱିତୀ ଚନ୍ଦ୍ର ସାହୁ ସ୍ୱର୍ଗତ ପାତ୍ରଙ୍କୁ ରାୟଗଡ଼ ଜିଲ୍ଲାର ଏନ୍‌ସାଇକଲ୍‌ପିଡ଼ିଆ ବୋଲି ଅଭିହିତ କରିବା ସହ ଧନ୍ୟବାଦ ଅର୍ପଣ କରିଥଲେ। ଉପସ୍ଥିତ ସାହିତ୍ୟିକମାନେ କବି ବାସୁଦେବ ପାତ୍ରଙ୍କ ରଚିତ କବିତା ପାଠ କରିଥିଲେ।

# ସେମିଳିଗୁଡ଼ା ସମିତିରେ ମହିଳା ଓ ଶିଶୁ କଲ୍ୟାଣ ଗୃହ କମିଟି



ସେମିଳିଗୁଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସମିତିରେ ମହିଳା ଓ ଶିଶୁ କଲ୍ୟାଣ ଗୃହ କମିଟି ଗସ୍ତ କରିଛନ୍ତି। ବିଧାୟକ ସିମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ସଦସ୍ୟା ଗଣ ଗସ୍ତ କରିଛନ୍ତି। ଉକ୍ତ କମିଟିରେ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟିକା ବର୍ଷା ସିଂ ବରିହା, ବିଧାୟିକା ସୁଜାତା ସାହୁ, ବିଧାୟିକା ସଞ୍ଜଲି ମୂର୍ମୂ, ବିଧାୟିକା ଉପାସନା ମହାପାତ୍ର, ବିଧାୟିକା ସୁଭାସିନୀ ଜେନା, ବିଧାୟିକା ମନୋରମା ମହାନ୍ତି ଓ ବିଧାୟିକା ସୋଫିଆ ଫିର୍ଦୋସ ରହିଛନ୍ତି। ରବିବାର କିଛି ଅଞ୍ଚଳ ଗସ୍ତ ସାରି ଦେଓମାଳିକୁ ଫେରିଛନ୍ତି। ସୋମବାର ସେମିଳିଗୁଡ଼ା ବ୍ଲକର ଲୁଙ୍ଗୁରି ଅଙ୍ଗନବାଡ଼ି କେନ୍ଦ୍ର, ମିସିଙ୍ଗିଗୁଡ଼ା କଫି ବଗିଚା ଓ ରାଜପୁଟ ମିଲେଟ୍ ମିଶନକୁ ପରିଦର୍ଶନ କରିଛନ୍ତି। ମହିଳା ସ୍ୱାବଲମ୍ବନ ଉପରେ ଆଲୋଚନା କରିଥିଲେ। ପରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କ ସହ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ, ବେଣୁଧର ଶବର, ସେମିଳିଗୁଡ଼ା ବିଡିଓ ଜସ୍ମିନ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବୁଦ୍ଧ ମୂର୍ତ୍ତି ଭଙ୍ଗା ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଜିଲ୍ଲା ଆଦିବାସୀ ସଂଘ

କୋଲନରା, ୧୯।୫(ସମିସ): ଚଳିତ ମାସ ଗତ ୧୧ ତାରିଖରେ ଚାନ୍ଦିଲି ଥାନା ଅନ୍ତର୍ଗତ ତାମ୍ପରଗୁଡା ଗ୍ରାମ ନିକଟରେ ଥିବା ଏକ ଜମିରେ ବୁଦ୍ଧ ମୂର୍ତ୍ତି ସ୍ଥାପନ ଏବଂ ପରେ ତାକୁ ଭାଙ୍ଗିବା ଓ ବିଭିନ୍ନ ଜିନିଷ ଚୋରି ମାମଲା କ୍ରମେ ଭିନ୍ନ ମୋଡ଼ ନେଉଛି। ଆଜି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଫେଟା ପଞ୍ଚାୟତର ତମ୍ପରଗୁଡା ଗ୍ରାମ ସମେତ ଆଖପାଖ ଗ୍ରାମର ଶତାଧିକ ଲୋକ ଜିଲ୍ଲାପାଳ,ଏସ୍‌ପି ଓ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସରକାରୀ ଜମିକୁ କିଛି ଖଳ ପ୍ରକୃତିର ଲୋକେ ପ୍ଲଟିଂ କରିଦେବାର ଏକ ବଡ଼ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ ପ୍ରଶାସନ ପାଖରେ ରହିଥିଲେ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉ ନାହିଁ ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ଆଇନ ଅନୁଯାୟୀ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଆଦିବାସୀ ସମାଜକୁ ନିନ୍ଦିତ କରିବା ପାଇଁ କିଛି ଖଳ ପ୍ରକୃତିର ଲୋକେ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଆଜି ଫେଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଏ.ବିଶ୍ୱନାଥଙ୍କ ସମେତ ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ଏ ନେଇ ଦିଆଯାଇଥିବା ଲିଖିତ ଅଭିଯୋଗ ପତ୍ରରେ ତାମ୍ପରଗୁଡା ଗ୍ରାମ ନିକଟ ଅମଲାଭଟ୍ଟା ମୌଜାରେ ଅବସ୍ଥିତି ଝାଙ୍କିରି ମେଟା ଜଙ୍ଗଲ ଜମି ଖାତା ନଂ ୨୮, ପ୍ଲଟ ନଂ- ୧୦ରେ ସରକାରୀ ଜମି ରହିଛି। ଏହି ଜମିରେ ଆଦିବାସୀ ସମ୍ପ୍ରଦାୟର କିଛି ଗରିବ ଆଦିବାସୀ ପରିବାର ଝାଙ୍କିରି ପୂଜା କରିବା ସହିତ କିଛି ବର୍ଷ ହେଲା ଚାଷ କରି ନିଜ ପରିବାରର ଭରଣପୋଷଣ କରି ଆସୁଛନ୍ତି। ଯାହାକୁ ନେଇ ସରକାରଙ୍କ ନିୟମପ୍ରକାରେ ସରକାରୀ ଜାଗା ଜବରଦଖଲ ନିୟମାନୁଯାୟୀ ଚାଷ କରୁଥିବା ଆଦିବାସୀଙ୍କ ନାମରେ ରାୟଗଡ଼ା ତହସିଲଦାରଙ୍କ ପକ୍ଷରୁ ଜବରଦଖଲ ମାମଲା ରୁଜୁ କରାଯାଇଛି। ଏହି ସମୟରେ ଚଳିତ ମାସ ୧୧ ତାରିଖରେ ଉକ୍ତ ଗ୍ରାମର ଅଭି ପାଲକା ଓ ତାଙ୍କ ଭାଇମାନେ ଏବଂ କିଛି ଖଳ ପ୍ରକୃତିର ଲୋକ ଉକ୍ତ ଜମିରେ ଏକ ବୁଦ୍ଧ ମୂର୍ତ୍ତିକୁ ଜୋରଜବରଦସ୍ତ ସ୍ଥାପନା କରିଥିବା ଅଭିଯୋଗ ହୋଇଛି। ଉକ୍ତ ବୁଦ୍ଧ ମୂର୍ତ୍ତିକୁ ଭଙ୍ଗାଯାଇ ଏହାକୁ ଆଦିବାସୀ ଓ ଦଳିତ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ଏକ ତିକ୍ତ ବାତାବରଣ ସୃଷ୍ଟି କରି ଉକ୍ତ ସରକାରୀ ଜମିକୁ ବ୍ୟବସାୟ କରିବାର ଏକ ଷଡଯନ୍ତ୍ର କରାଯାଉଛି ବୋଲି ଅଭିଯୋଗ ଉଲ୍ଲେଖ କରାଯାଇଛି। ତେଣୁ ତିକ୍ତତା ବଢିବା ପୂର୍ବରୁ ଏହାର ସମାଧାନ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଜି ଏହି ଅଭିଯୋଗ ପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ବେଳେ ଫେଟା ଗ୍ରାମ ପଞ୍ଚାୟତ ସରପଞ୍ଚ ଏ.ବିଶ୍ୱନାଥ, ପି.ଯୋଗା ରାଓ, ଏସ.ବାସୁ, ଏ.ଅନିଲ କୁମାର, ପି.ଅଜୟ, ବି.ରାଜେଶ, ପି.ଚୈତନ୍ୟା, ବି.ନାରାୟଣା,ଏ. ଶା, ତାଡିଙ୍ଗି ଡମ୍ବୁରୁ, ପି.ଶଙ୍କର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ରାୟଗଡ଼ା ତହସିଲଦାର ଶ୍ରୀମତି ପ୍ରିୟଦର୍ଶନୀ ସ୍ୱାଇଁ ଆଜି ତାମ୍ପରଗୁଡା ଗ୍ରାମକୁ ଯାଇ ଅଭିଯୋଗକାରୀଙ୍କ ସହ ଆଲୋଚନା କରିବା ସହ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଫେରିଛନ୍ତି। ଅଭି ପାଲାକାଙ୍କ ନାମରେ ଓ ପୂର୍ବରୁ ତାଙ୍କ ପିତୃପୁରୁଷଙ୍କ ଏକର ଏକର ନିଜସ୍ୱ ଜମି ରହିଥିବା ନେଇ ଅଭି ପାଲାକା କହିଥିବା ଏବଂ ସେ ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିବାକୁ ସହମତି ଦେଇଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ସରକାରୀ ଜମି ହଡ଼ପକୁ ନେଇ ଆସିଥିବା ଅଭିଯୋଗକୁ ନେଇ ଜମି ମାପଚୁପ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।





➤ ସରକାରୀ ଜମିକୁ ପ୍ଲଟିଂ ପାଇଁ ଷଡଯନ୍ତ୍ର ଅଭିଯୋଗ
➤ ଜମି ମାପଚୁପ ପରେ ପଦକ୍ଷେପ : ତହସିଲଦାର

